P.R. No.__________/

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

## ଇସ୍ତାହାର

ରେ.ମି. କେସ ସଂଖ୍ୟା ନଂ- ୮୭/୨୦୨୫

ଏତଦ୍ୱାରା **ନୂଆଗାଁ** ମୌଜାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଉପରେ **Establishment of Industries and allied activities** ପାଇଁ ନିଷ୍ପତି ହୋଇଥିବାରୁ ଉକ୍ତ ଜମିକୁ **IDCO, Bhubaneswar** ନାମରେ ରେକର୍ଡ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଉକ୍ତ ଜମି **ରକ୍ଷିତ** ଖାତା ରେ ଥାଇ କିସମ **ବଗାୟତ ଓ ବସ୍ତି ଯୋଗ୍ୟ** ରହିଅଛି। ଏଣୁ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି **ରକ୍ଷିତ** ଖାତାରୁ **ଆବାଦ ଯୋଗ୍ୟ ଅନାବାଦି** ଖାତାକୁ ସ୍ଥାନାନ୍ତର ଏବଂ କିସମ ପରିବର୍ତ୍ତନ କରିବାକୁ ଆବଶ୍ୟକତା ହେଉଅଛି । ଏହାସହ ପ୍ଲଟ ନଂ ୪୪୩ ର ମନ୍ତବ୍ୟ ଟିପ୍ପଣୀ କୁ ଉଛେଦ କରିବାକୁ ମଧ ଆବଶ୍ୟକତା ହେଉଅଛି ।

ଏହା ଦ୍ୱାରା ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନର ସ୍ୱାର୍ଥ ହାନୀ ଘଟୁଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ନିଜେ ବା ଅନୁଷ୍ଠାନର କର୍ମକର୍ତ୍ତା ନିଜେ ବା କ୍ଷମତା ପ୍ରାପ୍ତ ପତିନିଧିଙ୍କ ଜରିଆରେ ଇସ୍ତାହାର ପ୍ରକାଶନର ୧୫ (ପନ୍ଦର ଦିନ) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମକ୍ଷରେ ଉପସ୍ଥିତ ରହି ଟ.୨୦.୦୦ (କୋଡିଏ) ଟଙ୍କାର କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ପତ୍ର ଦାଖଲ କରିପାରିବେ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଆପତ୍ତି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

## ତଫସିଲ

ମୌଜା।- **ନୂଆଗାଁ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ ଖାତା ନଂ | ପ୍ରସ୍ତାବିତ କିସମ | ମନ୍ତବ୍ୟ ଟିପ୍ପଣୀ |
|---|---|---|---|---|---|---|---|
| ୧୪୪ (ରକ୍ଷିତ) | ୪୪୩ | ଏ.୦.୩୮୦ | ଏ.୦.୩୮୦ | ବଗାୟତ | ୧୪୬ **ଆବାଦ ଯୋଗ୍ୟ ଅନାବାଦି** | ପଡିତ | ବେଆଇନ ଦଖଲ- ଠାକୁରା ମାଝୀ,, ପିତା- ସିଙ୍ଗା ମାଝୀ, ଜାତି-, ସାନ୍ତାଳ, କଲେକ୍ଟରଙ୍କ, ଅନୁମତୀକ୍ରମେ ଅସ୍ଥାୟୀ ଭାବେ, ଦଖଲ ନୁଆଗାଁ ଗ୍ରାମପଞ୍ଚାୟତ। |
| | ୭୮୩ | ଏ.୫.୩୭୦ | ଏ.୫.୨୪୦ | ବସ୍ତିଯୋଗ୍ୟ | | ପଡିତ | - |

୧୦/୭/୨୫

**ତହସିଲଦାର କେନ୍ଦୁଝର**

TAHASILDAR KEONJHAR

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଗ୍ରାମରେ ଡାକ ବାଜି ଯନ୍ତ୍ର ଦ୍ୱାରା ପ୍ରଚାର ଓ ପ୍ରସାର/ ଅନ୍ୟ ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ରେ ପ୍ରକାଶନନିମନ୍ତେ ଦିଆଗଲା / ଏକକିତା ନକଲ ଜିଲ୍ଲା ୱେବସାଇଟ (https://kendujhar.odisha.gov.in) ରେ ଏବଂ ଏକକିତା ତହସିଲ ଅଫିସ କାର୍ଯ୍ୟାଳୟ , କେନ୍ଦୁଝର ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

୧୦/୭/୨୫

**ତହସିଲଦାର କେନ୍ଦୁଝର**

TAHASILDAR KEONJHAR